# ଶ୍ରମ ବିଭାଗ ହାତରେ ୨୫ ଶ୍ରମିକଙ୍କ ଭାଗ୍ୟ

■ ବିଭାଗୀୟ କାଳକ୍ଷେପଣ ନୀତି ପାଇଁ ଫେରିପାରୁ ନାହାନ୍ତି ବନ୍ଧା ପଡ଼ିଥିବା ଶ୍ରମିକ

■ ଟିମ୍ ଗଠନ କରି ସେମାନଙ୍କୁ ଉଦ୍ଧାର କରାଯିବ: ଶ୍ରମ ଅଧିକାରୀ

କୁନ୍ଦୁରା,୧୩।୩(ଡି.ଏନ୍.ଏ.)

କୁନ୍ଦୁରା ବ୍ଲକରୁ ବହୁତ ଶ୍ରମିକ ଗତ ଜାନୁୟାରୀ ପହିଲାରୁ ଦାଦନ ଖଟିବାକୁ ତାମିଲନାଡୁ ଯାଇ ଆଉ ଫେରିନାହାନ୍ତି। ସେଠି ସେମାନଙ୍କୁ ଖାଦ୍ୟ ଦିଆ ନଯାଇ ମିଳୁଛି ନିର୍ଯାତନା। ପରିବାର ସହ ସେମାନଙ୍କର କିଛି ଯୋଗାଯୋଗ ନାହିଁ। ସେମାନଙ୍କ ଚିନ୍ତାରେ ୨୫ଟି ପରିବାର ଅଖିଆ ଅପିଆ ଦିନ କାଟିବା ସହ ଶ୍ରମ ବିଭାଗର ପଦକ୍ଷେପକୁ ଚାହିଁରହିଛନ୍ତି। କିନ୍ତୁ ବିଭାଗୀୟ ଅବହେଳା ଓ କାଳକ୍ଷେପଣ ନୀତି ଯୋଗୁ ଫେରିପାରୁ ନାହାନ୍ତି ଦାଦନ ଶ୍ରମିକ।

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ବାଗଦେରୀ ପଞ୍ଚାୟତର ସିନ୍ଧିଭଟ୍ଟା, ପଦରକଣ୍ଠା, ସିରାଗୁଡ଼ା ଓ ବାକଟିଗୁଡ଼ା ଗ୍ରାମର ଶ୍ରମିକଙ୍କୁ ରହିବା ଖାଇବା ସହ ୮୫୦୦ ଟଙ୍କା ମାସିକ ପ୍ରାପ୍ୟ ଦେବାର ଲୋଭ ଦେଖାଇଥିଲେ ଦଲାଲ। ଏହି ଆଶାରେ ହିଁ ପରିବାର ଗୁଜୁରାଣ ପାଇଁ ବାହାର ରାଜ୍ୟକୁ ଗୋଡ଼ କାଢ଼ିଥିଲେ ୨୫ ଜଣ ଭେଣ୍ଡିଆ ଶ୍ରମିକ। ପରିବାର ଲୋକ ଆଶା ରଖିଥିଲେ, ପୁଅ ରୋଜଗାର କରି ଟଙ୍କା ଆଣିଲେ ଦୁଃଖୀ ଜୀବନ ଭଲରେ କଟିବ। ଭାଗ୍ୟର ବିଡ଼ମ୍ବନା, ସେମାନେ ଯିବା ଦିନଠାରୁ ୩ ମାସ ହେବ ସେମାନଙ୍କ ସହ ଯୋଗାଯୋଗ ନାହିଁ। କୋଷାଗୁମୁଡ଼ା ବ୍ଲକ ମାଙ୍କିଡ଼ି ଗ୍ରାମର ଘନଶ୍ୟାମ ଭଟ୍ଟ ଯୁବକମାନଙ୍କୁ ନେଇଥିଲେ। ତାମିଲନାଡୁରେ ସେମାନଙ୍କୁ ନିର୍ଯାତନା ଦିଆଯାଉଛି ବୋଲି ସେମାନଙ୍କ ପରିବାର ଜୟପୁର ସ୍ଥିତ ଜିଲା ଶ୍ରମ ଅଧିକାରୀ ପ୍ରସନ୍ନ ପାଣିଗ୍ରାହୀ ଓ କୁନ୍ଦୁରା ଆଇଆଇସି ଭବାନୀ ମୁଦୁଲିଙ୍କୁ ଜଣାଇଥିଲେ। ଗତ ଫେବୃୟାରୀ ୨୮ରେ ପରିବାର ଲୋକଙ୍କୁ ପ୍ରତିଶ୍ରୁତି ମିଳିଥିଲା ଯେ, ଶ୍ରମ ଅଧିକାରୀ ପାଣିଗ୍ରାହୀ ଉକ୍ତ ଦଲାଲଙ୍କ ଜରିଆରେ ତାମିଲନାଡୁ ରାଜ୍ୟ ସେଲମ ଜିଲା ମାଲମପାଲାୟମଠାରେ ପହଞ୍ଚିଛନ୍ତି। ସେଠାରେ ବନ୍ଧା ପଡ଼ିଥିବା ଦାଦନ ଶ୍ରମିକଙ୍କୁ ନେଇ ସେ ମାର୍ଚ୍ଚ ୪ରେ ଫେରିବେ। କିନ୍ତୁ ପ୍ରତିଶ୍ରୁତି ଦିଆଯିବାର ୧୦ ଦିନ ପରେ ମଧ୍ୟ ତାହା ପୂରଣ ହୋଇନାହିଁ। ଗାଁକୁ ଫେରିନାହାନ୍ତି ଦାଦନ ଖଟି ଯାଇଥିବା ୨୫ ଶ୍ରମିକ। କୁନ୍ଦୁରାରେ ରହୁଥିବା ସାମାଜିକ କର୍ମୀ ତ୍ରିପତି ଗୁରୁଙ୍କ ନିକଟରେ ଉକ୍ତ ୨୫ ଶ୍ରମିକଙ୍କ ପରିବାର ଲୋକେ ଏ ଦିଗରେ ସହାୟତା ପାଇଁ ଗୁହାରି କରିଛନ୍ତି। ସେମାନଙ୍କ ପରିବାର ଏବେ ଅଖିଆ ଅପିଆ ପଡ଼ି ରହିଛନ୍ତି। ଏଭଳି ସ୍ଥିତିରେ ଶ୍ରମ ବିଭାଗର ମିଛ ପ୍ରତିଶ୍ରୁତି ଓ ଶ୍ରମିକଙ୍କୁ ଫେରାଇ ଆଣିବାରେ କାଳକ୍ଷେପଣ ନୀତିକୁ ନାପସନ୍ଦ କରାଯାଉଛି।

ଏନେଇ ଶ୍ରମ ଅଧିକାରୀ ପାଣିଗ୍ରାହୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଏ ବିଷୟ ନେଇ ଆଲୋଚନା କରାଯାଇଛି। ସେଠାକାର ଅତିରିକ୍ତ ଶ୍ରମ ନିରୀକ୍ଷକ ଏମ୍. ଶୋଭାସୁନ୍ଦରନ କୁନ୍ଦୁରା ଆଇଆଇସି ଭବାନୀ ମୁଦୁଲିଙ୍କ ସହ ଆଲୋଚନା କରିଛନ୍ତି। ତା' ସହ ମୁଁ ଜୟପୁର ଏସ୍‌ଡିପିଓ ସାଗରିକା ନାଥଙ୍କ ସହ ଆଲୋଚନା କରିଛି। ତାମିଲନାଡୁ ରାଜ୍ୟରେ ଫସିରହିଥିବା ଶ୍ରମିକଙ୍କ ନିକଟକୁ ଯିବା ପାଇଁ ଏକ ଟିମ୍ ଗଠନ କରାଯିବ। ତାମିଲନାଡୁ ଯିବା ପାଇଁ ଅନୁମତି ଲାଗି ଜିଲାପାଳଙ୍କ ପାଖକୁ ଯାଉଛି। ଅତିଶୀଘ୍ର ଶ୍ରମିକମାନଙ୍କୁ ଉଦ୍ଧାର କରି ଘରକୁ ଅଣାଯିବ।


ତାମିଲନାଡୁରେ ବନ୍ଧା ପଡିଥିବା ଶ୍ରମିକଙ୍କ ପରିବାରବର୍ଗ ନ୍ୟାୟ ଅପେକ୍ଷାରେ ।

## ସଂକ୍ଷେପରେ

### ବିଜେଡିକୁ ଫେରିଲେ ଭାଜପା ଜିଲା ଉପସଭାପତି



କୋରାପୁଟ,୧୩।୩(ସ୍ୱ.ପ୍ର.)
କୋରାପୁଟ ଜିଲା ଭାଜପା ଉପସଭାପତି ଦେବେନ୍ଦ୍ର ମହାନ୍ତି ବୁଧବାର ବିଜେଡିରେ ଯୋଗ ଦେଇଛନ୍ତି। ଦେବେନ୍ଦ୍ର ୧୯୯୭ରେ ଜନତା ଦଳରେ ଯୋଗ ଦେଇଥିବା ବେଳେ ୨୦୦୫ରେ ବିଜେଡି ଛାଡ଼ି ଭାଜପା ଶିବିରରେ ମିଶିଥିଲେ। କିନ୍ତୁ ଦଳର ଜିଲାସ୍ତରୀୟ ନେତାଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ ହୋଇ ସେ ପୁଣି ପୂର୍ବ ଦଳକୁ ବାହୁଡ଼ିଛନ୍ତି। କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ବିଜେଡି ଶିବିରକୁ ସ୍ୱାଗତ କରିବା ସହ ଏହାଦ୍ୱାରା ଦଳ ଜିଲାରେ ଅଧିକ ମଜଭୁତ ହେବ ବୋଲି କହିଛନ୍ତି। ବିଜେଡି ଜିଲା କାର୍ଯ୍ୟକାରୀ ସଭାନେତ୍ରୀଙ୍କ କାର୍ଯ୍ୟାଳୟରେ ଜିଲା ସଭାପତି ତଥା ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଈଶ୍ୱର ପାଣିଗ୍ରାହୀଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମହାନ୍ତି ଶଙ୍ଖ ହାତ ଧରିଥିଲେ। ଏହି ଅବସରରେ ଜିଲା ମହିଳା ବିଜେଡି କାର୍ଯ୍ୟକାରୀ ସଭାପତି ରୀତା ପାଣିଗ୍ରାହୀ, ଜିଲା ବିଜେଡି ସଂପାଦକ ଉଜ୍ଜଳ ରଞ୍ଜନ ନାୟକ ଉପସ୍ଥିତ ଥିଲେ।

### ଏକ ସପ୍ତାହ ହେଲା ଏଟିଏମ୍‌ରେ ଟଙ୍କା ନାହିଁ

କୋଲାବନଗର,୧୩।୩(ଡି.ଏନ୍.ଏ.): କୋରାପୁଟ ସଦର ଅନ୍ତର୍ଗତ କୋଲାବନଗରସ୍ଥିତ ଭାରତୀୟ ଷ୍ଟେଟବ୍ୟାଙ୍କ ଏଟିଏମ୍‌ରେ ୧ସପ୍ତାହ ହେଲା ଟଙ୍କା ନ ଥିବାରୁ ଉପଭୋକ୍ତା ନିରାଶ ହୋଇ ଫେରୁଛନ୍ତି। ଉପଭୋକ୍ତାଙ୍କୁ ସଦାସର୍ବଦା ଟଙ୍କା ଯୋଗାଇ ଦେବାକୁ ବ୍ୟାଙ୍କର ପ୍ରଚାର ଏଠାରେ ପାଣିର ଗାର ହୋଇଛି। ଶାଖା ପରିଚାଳକ ଏଥିପାଇଁ ସବୁଦିନ ଫୋନ କରି ଜଣାଉଥିଲେ ମଧ ଉପରିସ୍ଥ ଅଧିକାରୀ ନିରବଦ୍ରଷ୍ଟା ସାଜିଛନ୍ତି। ଦୁଇଦିନ ମଧରେ ଏଟିଏମ୍‌ରେ ଟଙ୍କା ନ ରଖିଲେ, ଆନ୍ଦୋଳନାତ୍ମକ ପନ୍ଥା ଆପଣାଇବେ ବୋଲି ସ୍ଥାନୀୟ ଉପଭୋକ୍ତା କହିଛନ୍ତି।

### ଆର୍‌ଏସ୍‌ଏସ୍ ପକ୍ଷରୁ ସ୍ମୃତିସଭା

ଦାମନଯୋଡ଼ି,୧୩।୩(ଡି.ଏନ୍.ଏ.): କୋରାପୁଟ ଜିଲା ଦାମନଯୋଡ଼ି ଆର୍‌ଏସ୍‌ଏସ୍ ପକ୍ଷରୁ ସଂଘର ପ୍ରଥମ ଓଡ଼ିଆ ପ୍ରଚାରକ ଓ ରାଷ୍ଟ୍ରଦୀପ ପତ୍ରିକାର ପ୍ରଥମ ସମ୍ପାଦକ ହରିହର ନନ୍ଦଙ୍କ ପରଲୋକରେ ନାଲ୍‌କୋ କମ୍ୟୁନିଟି ସେଣ୍ଟରଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ହୋଇଛି। ଏଥିରେ ସଂଘର ବରିଷ୍ଠ କାର୍ଯ୍ୟକର୍ତ୍ତା ନନ୍ଦକିଶୋର ରାଉତ, ରବୀନ୍ଦ୍ର କୁମାର ପରିଡ଼ା, ଜଳେନ୍ଦ୍ର ତ୍ରିପାଠୀ, ପୀତାମ୍ବର ସାହୁ, ଅମୂଲ୍ୟ କୁମାର ସାହୁ, ବୁଦ୍ଧଦେବ ଦେ, ଅଶୋକ କୁମାର ସାହୁ, ଡ. ଅଶୋକ ମହାନ୍ତି, ଇଂ ସରୋଜ କୁମାର ସାହୁ, ଜଗଦୀଶ ପରିଡ଼ା, ଜଗନ୍ନାଥ ବିଷୋୟୀ, ଭାସ୍କର ସେନାପତି, କିଶୋର କୁମାର ମହାପାତ୍ର ସ୍ମୃତିଚାରଣ କରିଥିଲେ।



# ଟିକସ ଆଦାୟ

## ଟାର୍ଗେଟ୍‌ର ଅଧା ଛୁଇଁନି ପୌରସଂସ୍ଥା

### ଧାର୍ଯ୍ୟ ଲକ୍ଷ୍ୟରୁ ଅଧିକ ଆଦାୟ କରିଛି ତହସିଲ

ଜୟପୁର,୧୩।୩(ଡି.ଏନ୍.ଏ.)

୨୦୧୮-୧୯ ଆର୍ଥିକ ବର୍ଷରେ ଜୟପୁର ପୌରସଂସ୍ଥା ଟିକସ ଆଦାୟ କ୍ଷେତ୍ରରେ ଫେବୃୟାରୀ ଶେଷ ସୁଦ୍ଧା ଧାର୍ଯ୍ୟ ଲକ୍ଷ୍ୟର ୫୦ ପ୍ରତିଶତ ମଧ ଛୁଇଁପାରି ନାହିଁ। ଆର୍ଥିକ ବର୍ଷ ଶେଷ ହେବାକୁ ବସିଛି କିନ୍ତୁ ୪୭.୯୪ ପ୍ରତିଶତ ହିଁ ଟିକସ ଆଦାୟ କରିପାରିଛି ପୌରସଂସ୍ଥା। ଅନ୍ୟପକ୍ଷରେ ଜୟପୁର ତହସିଲ ଫେବୃୟାରୀ ସୁଦ୍ଧା ଧାର୍ଯ୍ୟ ଲକ୍ଷ୍ୟରୁ ୨୧ ପ୍ରତିଶତ ଅଧିକ ରାଜସ୍ୱ ଆଦାୟ କରି ଜିଲାରେ ଏକନମ୍ବର ତହସିଲ ପାଲଟିଛି।

ଚଳିତବର୍ଷ ସହରରେ ହୋଲ୍ଡିଂ ଟାକ୍ସ, ଦୋକାନ ଭଡ଼ା, ସାଇକେଲ ଷ୍ଟାଣ୍ଡ, ମାହାସୁଲ, ଓ ଅନ୍ୟ ଲାଇସେନ୍ସ ପ୍ରଦାନ ବାବଦକୁ ୧ କୋଟି ୪ ଲକ୍ଷ ୩୦ ହଜାର ୨୮୭ ଟଙ୍କା ଟିକସ ଆଦାୟ ପାଇଁ ଜୟପୁର ପୌରସଂସ୍ଥାର ଟାର୍ଗେଟ୍ ରହିଥିଲା। ଏଥିରେ ୨୦୧୭-୧୮ ଆର୍ଥିକ ବର୍ଷର ବକେୟା ୪୨ ଲକ୍ଷ ୨୮ ହଜାର ୫୧୩ ଟଙ୍କା ସହ ଚଳିତ ବର୍ଷର ୬୨ ଲକ୍ଷ ୧ ହଜାର ୭୭୪ ଟଙ୍କା ଟିକସ ମିଶି ୨୦୧୮-୧୯ ବର୍ଷ ପାଇଁ ୧ କୋଟିରୁ ଅଧିକ ଟିକସ ଆଦାୟ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ସହରରେ ଥିବା ୧୧ ହଜାର ୮୦ ଜଣ ଗୃହକର୍ତ୍ତାଙ୍କଠାରୁ ଟିକସ ଆଦାୟ ପାଇଁ ୭ଟି ଭାଗରେ ୭ଜଣ କର୍ମଚାରୀ ବର୍ଷସାରା ନିୟୋଜିତ ରହିଥିଲେ। ଗୋଟିଏ ବର୍ଷର ଅଗ୍ରିମ ଟିକ ଏପ୍ରିଲରେ ପୈଠ କଲେ ୨୦ ପ୍ରତିଶତ ଏବଂ ମେରେ ପୈଠ କଲେ ୧୦ ପ୍ରତିଶତ ଛାଡ଼ ବ୍ୟବସ୍ଥା ରହିଥିଲା। କିନ୍ତୁ ଏହା ସତ୍ତ୍ୱେ ସଚେତନତା ଓ ଟିକସ ଆଦାୟ ପାଇଁ କର୍ମଚାରୀଙ୍କ ଆନ୍ତରିକତା ଅଭାବ ଯୋଗୁଁ ଧାର୍ଯ୍ୟ ଲକ୍ଷ୍ୟର ୫୦ ପ୍ରତିଶତ ଟିକସ ମଧ ଆଦାୟ କରିପାରି ନାହିଁ ପୌରସଂସ୍ଥା। ଅନ୍ୟପକ୍ଷରେ ଜୟପୁର ତହସିଲ ପକ୍ଷରୁ ଚଳିତ ବର୍ଷ ୨୪ଟି ରାଜସ୍ୱ ସର୍କଲରେ ଜମି, ଜଳ, ରୟାଲଟି ଏବଂ ଅନ୍ୟ କର ବାବଦକୁ ୫ କୋଟି ୭୦ ଲକ୍ଷ ୭୮୦ ଟଙ୍କା ଆଦାୟ ପାଇଁ ଧାର୍ଯ୍ୟ ଲକ୍ଷ୍ୟ ଥିଲା। ତହସିଲ କିନ୍ତୁ ଏହାଠାରୁ ୧ କୋଟି ୮୫ ହଜାର ୮୨ ଲକ୍ଷ ୧୬୦ ଟଙ୍କା ଅଧିକ ଟିକସ ଆଦାୟ କରିପାରିଛି।

# ଉଦ୍ଧାର ବଜ୍ରକାପ୍ତା ନନ୍ଦନକାନନ ଯିବ

### ସ୍ଥାନୀୟ ଜଙ୍ଗଲରେ ଛାଡ଼ିବାକୁ ପରିବେଶବିତ୍‌ଙ୍କ ଦାବି


ଉଦ୍ଧାର ହୋଇଥିବା ବଜ୍ରକାପ୍ତା ।

ଜୟପୁର,୧୩।୩(ଡି.ଏନ୍.ଏ.)

ଜୟପୁର ବନବିଭାଗ ପକ୍ଷରୁ ମଙ୍ଗଳବାର ରାତିରେ ସ୍ଥାନୀୟ ସାନକାଉଡ଼ି ଗ୍ରାମରୁ ଗୋଟିଏ ପ୍ରାପ୍ତବୟସ୍କ ବଜ୍ରକାପ୍ତାକୁ ବନ ବିଭାଗ ଉଦ୍ଧାର କରିଛି। ଏହାକୁ ସ୍ଥାନୀୟ ନାକଟିଗୁଡ଼ାର କେନ୍ଦ୍ରୀୟ ନର୍ସରୀରେ ରଖାଯାଇଛି। ଗତ ମଙ୍ଗଳବାର ରାତିରେ ସ୍ଥାନୀୟ ସାନକାଉଡ଼ି ଗ୍ରାମରୁ ବଜ୍ରକାପ୍ତାକୁ ଫରେଷ୍ଟର ଦୁର୍ଯ୍ୟୋଧନ ଗଣ୍ଡଙ୍କ ନେତୃତ୍ୱରେ ବନ କର୍ମଚାରୀ ଗୌତମ ସ୍ୱାଇଁ, ଡି.ବି. ପାଢ଼ୀ, ବନ୍ୟଜନ୍ତୁ ଉଦ୍ଧାରକାରୀ ଦଳର କୃଷ୍ଣ କେଶବ ଷଡ଼ଙ୍ଗୀ ଓ ରବୀନ୍ଦ୍ର ରାଉତ ଉଦ୍ଧାର କରିଥିଲେ। ଏହାର ସ୍ୱାସ୍ଥ୍ୟ ପରୀକ୍ଷା ପରେ ନନ୍ଦନକାନନକୁ ପଠାଯିବା ପାଇଁ ବନବିଭାଗ ଯୋଜନା କରୁଥିବା ବେଳେ ଏହାକୁ ସ୍ଥାନୀୟ ପରିବେଶବିତ୍ ନାପସନ୍ଦ କରିଛନ୍ତି। ଏଠାରୁ ଉଦ୍ଧାର ହେଉଥିବା ବନ୍ୟଜନ୍ତୁ ଏଠିକା ଜିଲାର ଜଙ୍ଗଲରେ ଛଡ଼ାଯିବା ପାଇଁ ଦାବି ହୋଇଛି। ପୂର୍ବରୁ କୁନ୍ଦୁରା ଅଞ୍ଚଳର ଏକ ଜଙ୍ଗଲୀ ମଇଁଷିକୁ ନିଶ୍ଚେତକ ଦିଆଯାଇ ନନ୍ଦନକାନନ କର୍ମଚାରୀ ଭୁବନେଶ୍ୱର ନେଇଥିଲେ। କିନ୍ତୁ ଉପଯୁକ୍ତ ଯତ୍ନ ଅଭାବରୁ ଏହାର ମୃତ୍ୟୁ ହୋଇଥିଲା। ଏନେଇ ଡିଏଫ୍‌ଓ ଅଶ୍ୱିନୀ କରଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଉଦ୍ଧାର ବଜ୍ରକାପ୍ତାକୁ ନନ୍ଦନକାନନ ପଠାଗଲେ ଉପଯୁକ୍ତ ଯତ୍ନରେ ତାକୁ ରଖାଯିବା ସହ ଏହି ବିରଳ ପ୍ରଜାତିର ବଂଶ ବୃଦ୍ଧି ପାଇଁ ଚାଲିଥିବା ଗବେଷଣାରେ ସହାୟକ ହୋଇପାରିବ।

# କୋରାପୁଟରେ ରକ୍ତଶିକୁଳି ସ୍ଥିତି ଉଦ୍‌ବେଗଜନକ

କୋରାପୁଟ,୧୩।୩(ସ୍ୱ.ପ୍ର.)

ଅବିଭକ୍ତ କୋରାପୁଟରେ ବର୍ତ୍ତମାନ ୧୬୦୭ ଜଣ ରକ୍ତଶିକୁଳି ଆକ୍ରାନ୍ତ ରୋଗୀ ଥିବାବେଳେ ୬୩ ଜଣ ଥାଲାସିମିଆ ରୋଗୀ ରହିଛନ୍ତି। ସେଥିମଧ୍ୟରୁ କୋରାପୁଟ ଉପଖଣ୍ଡରେ ୫୯୭ ଜଣ ରକ୍ତଶିକୁଳି ରୋଗୀ ରହିଥିବାବେଳେ ୨୭ ଜଣ ଥାଲାସିମିଆ ରୋଗୀ ରହିଛନ୍ତି। ଜୟପୁର ଉପଖଣ୍ଡରେ ୨୬୨ ଜଣ ରକ୍ତଶିକୁଳି ଓ ୧୨ ଜଣ ଥାଲାସେମିଆ ରୋଗୀ, ନବରଙ୍ଗପୁର ଜିଲାରେ ୩୬୬ ଜଣ ରକ୍ତଶିକୁଳି ଓ ଜଣେ ଥାଲାସେମିଆ ରୋଗୀ ରହିଛନ୍ତି। ରାୟଗଡ଼ା ଜିଲାରେ ୬୭ ଜଣ ରକ୍ତଶିକୁଳି ଓ ୧୩ ଜଣ ଥାଲାସେମିଆ, ମାଲକାନଗିରି ଜିଲାରେ ୩୧୫ ଜଣ ରକ୍ତଶିକୁଳି ଓ ୧୦ ଜଣ ଥାଲାସେମିଆ ରୋଗୀ ରହିଛନ୍ତି। କୋରାପୁଟ ଜିଲାରେ ସିକିଲସେଲ (ରକ୍ତ ଶିକୁଳି) ରୋଗୀଙ୍କ ସ୍ଥିତି ଉଦ୍‌ବେଗଜନକ ରହିଛି। ତେଣୁ ସମସ୍ତଙ୍କ ସମନ୍ୱୟରେ ୨୦୨୪ ସୁଦ୍ଧା ଜିଲାରେ ଏହି ରୋଗକୁ ନିଶ୍ଚିହ୍ନ କରିବା ପାଇଁ ଆହ୍ୱାନ ଦିଆଯାଇଛି। ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜର ଷ୍ଟୁଡେଣ୍ଟ ଏକାଡେମୀ ସୋସାଇଟି (ଏସ୍‌ଏସି) ପକ୍ଷରୁ ଆୟୋଜିତ ଦିନିକିଆ କର୍ମଶାଳାକୁ ମୁଖ୍ୟ ଅତିଥି ଭାବେ ଉଦ୍‌ଘାଟନ କରି ମେଡିକାଲ କଲେଜ ଡିନ୍ କୃଷ୍ଣଚନ୍ଦ୍ର ବିଶ୍ୱାଳ ଏହି ଆହ୍ୱାନ ଦେଇଛନ୍ତି। ସମ୍ମାନିତ ଅତିଥି ଭାବେ ପ୍ରଫେସର ସୀତାରାମ ମହାପାତ୍ର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦଧିବାମନ ତ୍ରିପାଠୀ, ଏଡିଏମ୍‌ଓ ଡାକ୍ତର ଅରୁଣ ପାଢ଼ୀ, ଡାକ୍ତର ରତିକାନ୍ତ ଖଟୁଆ, ମେଡିକାଲ କଲେଜ ମେଡିସିନ ବିଭାଗ ମୁଖ୍ୟ ପ୍ରଫେସର ଜୟନ୍ତ ପଣ୍ଡା, ଡାକ୍ତର ରାମଚନ୍ଦ୍ର ସେଠୀ, ପ୍ରଫେସର ଅରକ୍ଷିତ ସ୍ୱାଇଁ, ଡାକ୍ତର ସ୍ୱରୂପା ପଣ୍ଡା, ଡାକ୍ତର ଆଇ. ଗୋପାଲ, ପ୍ରଫେସର ଜଗଦାନନ୍ଦ ମିଶ୍ର, ଡାକ୍ତର ଡି. ଶୋଭାମାଳିନୀ, ପ୍ରଫେସର କୌଶିକ ମିଶ୍ର ଯୋଗ ଦେଇଥିଲେ। ଏହି ଅବସରରେ କୋରାପୁଟ ସିକିଲସେଲ ୟୁନିଟ୍‌ର ନୋଡାଲ ଅଧିକାରୀ ଡାକ୍ତର ରତିକାନ୍ତ ଖଟୁଆଙ୍କ ସମେତ ବହୁ ଡାକ୍ତରଙ୍କୁ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା।


କର୍ମଶାଳାକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରୁଛନ୍ତି ଅତିଥିମାନେ ।

## ଜାତୀୟ ସୁରକ୍ଷା ସପ୍ତାହ ଉଦ୍‌ଯାପିତ

ଦାମନଯୋଡ଼ି,୧୩।୩(ଡି.ଏନ୍.ଏ.)

କୋରାପୁଟ ଜିଲା ନାଲକୋ ପ୍ଲାଣ୍ଟ ପରିସରରେ ୪୮ତମ ଜାତୀୟ ସୁରକ୍ଷା ସପ୍ତାହ ପାଳିତ ହୋଇଛି। ଏହି ଅବସରରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ପଥପ୍ରାନ୍ତ ନାଟକ, ବକ୍ତୃତା, ଶୋଭାଯାତ୍ରା କରାଯାଇଛି। ପ୍ରତ୍ୟେକ ବ୍ୟକ୍ତି ହେଲମେଟ୍ ପିନ୍ଧିବା, ପ୍ଲାଣ୍ଟ ମଧ୍ୟରେ କାର୍ଯ୍ୟ କରିବା ବେଳେ ସେଫ୍ଟି ବୁଟ୍, ନୋଜ୍ ମାସ୍କ, ସେଫ୍ଟି ଗ୍ଲାସ ବ୍ୟବହାର କରିବା ପାଇଁ ଏଥିରେ ସୂଚନା ଦିଆଯାଇଥିଲା। ଠିକା କର୍ମଚାରୀଙ୍କ ଦ୍ୱାରା ପଥପ୍ରାନ୍ତ ନାଟକ 'ନିଜ ହାତରେ ନିଜ ସୁରକ୍ଷା' ପରିବେଷିତ ହୋଇଥିଲା। ଫୋନ୍ ବ୍ୟବହାର କରି କିମ୍ବା ନିଶାସକ୍ତ ହୋଇ ଗାଡ଼ି ନ ଚଳାଇବା ଓ ସର୍ବଦା ହେଲମେଟ୍ ପିନ୍ଧିବା ଏହି ନାଟକର ବାର୍ତ୍ତା ଥିଲା। ଉଦ୍‌ଯାପନୀ ଉତ୍ସବରେ ନାଲକୋର ଇଡି ରବିଶଙ୍କର ଦାସ, ମହାପ୍ରବନ୍ଧକ (ମ୍ୟାଟେରିଆଲ) ପି.କେ. ଷଡ଼ଙ୍ଗୀ, ମହାପ୍ରବନ୍ଧକ (ଏସ୍‌ପିପି) ରାମଚନ୍ଦ୍ର ତ୍ରିପାଠୀ, ମହାପ୍ରବନ୍ଧକ (ଏ ଆଣ୍ଡ ଏ) ଏମ୍.ଡି. ଫରିବ ଉପସ୍ଥିତ ଥିଲେ। ନାଲ୍‌କୋ ଏଜିଏମ୍ ପି.କେ. ଦାଶ ସଭା କାର୍ଯ୍ୟ ପରିଚାଳନା କରିଥିବା ବେଳେ ପ୍ରଦୀପ କୁମାର ପାଢ଼ଯୋଶୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବକ୍ତୃତା ପ୍ରତିଯୋଗିତାରେ କୃତୀ ଠିକା କର୍ମଚାରୀ ରାଧାକାନ୍ତ ବ୍ରହ୍ମା, ସନ୍ୟାସୀ ସାହୁ, ଶ୍ରୀନିବାସ ପଣ୍ଡାଙ୍କୁ ପୁରସ୍କୃତ କରାଯାଇଥିଲା। ମାର୍କଣ୍ଡେଲୁ, ମୁରଲିଧର ସାହୁ ସହଯୋଗ କରିଥିବା ବେଳେ ବରିଷ୍ଠ ପ୍ରବନ୍ଧକ ରମାକାନ୍ତ ମହାରଣା ଧନ୍ୟବାଦ ଦେଇଥିଲେ।

# ନାଲ୍‌କୋ କର୍ମଚାରୀଙ୍କ ବେତନ ଚୁକ୍ତିନାମା ନେଇ ଅସନ୍ତୋଷ

ଦାମନଯୋଡ଼ି,୧୩।୩(ଡି.ଏନ୍.ଏ.)

କୋରାପୁଟ ଜିଲା ନାଲ୍‌କୋ ଖଣି ଓ ପରିଶୋଧନ ପ୍ରକଳ୍ପରେ ୧୯୯୭ରୁ ୨୦୧୬ ମଧ୍ୟରେ ନିଯୁକ୍ତି ପାଇଥିବା ସ୍ଥାୟୀ କର୍ମଚାରୀମାନେ ଷଷ୍ଠ ବେତନ ଚୁକ୍ତିନାମାକୁ ବିରୋଧ କରି ଅସନ୍ତୋଷ ପ୍ରକାଶ କରିଛନ୍ତି। ଗତ ୫ ତାରିଖରୁ ପରିଶୋଧନ ପ୍ରକଳ୍ପର ଇଡି ଅଫିସ୍ ଏବଂ ଖଣି ଅଞ୍ଚଳର ମହାପ୍ରବନ୍ଧକଙ୍କ ଅଫିସ୍ ଆଗରେ ବିରୋଧ ପ୍ରଦର୍ଶନ କରିଆସୁଛନ୍ତି। ଉପେକ୍ଷିତ ଶ୍ରମିକମାନେ କଳାବ୍ୟାଜ୍ ପିନ୍ଧିବା ସହ କ୍ୱାଲିଟି ସର୍କଲ, ଡେଭଲପମେଣ୍ଟାଲ କାର୍ଯ୍ୟକ୍ରମରୁ ଓହରିଯିବା ସହିତ କୌରସି କାର୍ଯ୍ୟରେ ସହଯୋଗ ନ କରିବାକୁ ସ୍ଥିର କରିଛନ୍ତି। ଏହି ଶ୍ରମିକମାନେ କ୍ରମାଗତ ଭାବେ ୧୯୯୭, ୨୦୦୭ ଓ ୨୦୧୭ ଚୁକ୍ତିନାମାରେ କ୍ଷତିଗ୍ରସ୍ତ ହେବା ପରେ ଅସନ୍ତୋଷ ଦେଖାଦେଇଛି। ନାଲ୍‌କୋ ପ୍ରଶାସନିକ ବିଭାଗ ଯଥାଶୀଘ୍ର ଉପଯୁକ୍ତ ନ୍ୟାୟ ପ୍ରଦାନ କରିବାକୁ ଶ୍ରମିକ ସମାଜ ଦାବି କରିଛି।

# ମାନସିକ ଅସୁସ୍ଥ ଯୁବକଙ୍କୁ ହତ୍ୟା ସନ୍ଦେହ

କୋରାପୁଟ,୧୩।୩(ସ୍ୱ.ପ୍ର.)

କୋରାପୁଟ ସଦର ଥାନା ଅନ୍ତର୍ଗତ ପାଇକ ଫୁଲବେଡ଼ା ସଦର ପଞ୍ଚାୟତରେ ଜଣେ ମାନସିକ ବିକାରଗ୍ରସ୍ତ ଯୁବକଙ୍କ ବୁଧବାର ମୃତ୍ୟୁ ହୋଇଛି। କିନ୍ତୁ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ଏନେଇ କୋରାପୁଟ ସଦର ଥାନାରେ କେସ୍ ନଂ ୩/୨୦୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

ସୂଚନା ଅନୁଯାୟୀ, ପାଇକଫୁଲବେଡ଼ା ପଞ୍ଚାୟତର କବି ଗାଦବା (୨୮) ମାନସିକ ଭାବେ ଅସୁସ୍ଥ ଥିଲେ। ବୁଧବାର ସକାଳେ ତାଙ୍କର କ୍ଷତାକ୍ତ ମୃତଦେହ ରାସ୍ତାରେ ପଡ଼ିଥିବା ଦେଖି ସ୍ଥାନୀୟ ଗ୍ରାମବାସୀ କୋରାପୁଟ ସଦର ଥାନାକୁ ଜଣାଇଥିଲେ। ଥାନା ଅଧିକାରୀ ସସ୍ମିତା ସ୍ୱାଇଁଙ୍କ ନେତୃତ୍ୱରେ ଏସ୍‌ଆଇ ଅର୍ଜୁନ ବାଙ୍କା ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ପରେ ବ୍ୟବଚ୍ଛେଦ ପାଇଁ କୋରାପୁଟ ମେଡିକାଲ ପଠାଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ତଦନ୍ତକାରୀ ଅଧିକାରୀ ଅର୍ଜୁନ ବାଙ୍କା କହିଛନ୍ତି। ମୃତଦେହରେ କ୍ଷତଚିହ୍ନ ଥିବାରୁ ତାହା ହତ୍ୟାକାଣ୍ଡ ବୋଲି ଗ୍ରାମବାସୀ ସନ୍ଦେହ କରୁଛନ୍ତି।

## ■ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗ

# ୧୦୦ ଦିନରେ ପହଞ୍ଚିଲା ଆନ୍ଦୋଳନ

### ଆନ୍ଦୋଳନ କୋହଳ କରିବାକୁ କଂଗ୍ରେସର ନିବେଦନ

ଜୟପୁର,୧୩।୩(ନି.ପ୍ର.)

ଅବିଭକ୍ତ କୋରାପୁଟ ଜିଲାରେ ସ୍ଥାୟୀ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ଆନ୍ଦୋଳନ ଜାରି ରହିଛି। ଓକିଲଙ୍କ କୋର୍ଟ ବର୍ଜନ ଗତ ଡିସେମ୍ବର ୪ରୁ ଆରମ୍ଭ ହୋଇଥିବା ବେଳେ ବୁଧବାର ଏହା ଶହେ ଦିନରେ ପହଞ୍ଚିଛି। ଆନ୍ଦୋଳନକୁ କଂଗ୍ରେସ ସମର୍ଥନ ଦେଇଥିଲେ ମଧ ସାଧାରଣ ଲୋକେ ଏହାଦ୍ୱାରା ପ୍ରଭାବିତ ଓ ସମସ୍ୟା ଭୋଗୁଥିବା ଯୋଗୁ ଆନ୍ଦୋଳନ କୋହଳ କରିବାକୁ ଦାବି ହୋଇଛି। ନଗର କଂଗ୍ରେସ ସଭାପତି ନରେନ୍ଦ୍ର ମହାନ୍ତି ଆଇନଜୀବୀଙ୍କ କ୍ରିୟାନୁଷ୍ଠାନ କମିଟିକୁ ଏହି ଅନୁରୋଧ ଜଣାଇଛନ୍ତି। ଜୟପୁର କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ଗୃହ ବିଭାଗର ବିଜ୍ଞପ୍ତି ଅନୁସାରେ ରାଜ୍ୟ ସରକାର ଗଞ୍ଜାମ ଓ ସମ୍ବଲପୁରର କେଉଁ ସ୍ଥାନରେ ବେଞ୍ଚ ହେବ, ସେ ନେଇ କମିଟି ଗଠନ କରିଛନ୍ତି। କିନ୍ତୁ ଏଥିରେ ଅବିଭକ୍ତ କୋରାପୁଟ ଜିଲାର କୌଣସି ସ୍ଥାନ ଉଲ୍ଲେଖ ନାହିଁ। କଂଗ୍ରେସ ଏହାର ନିନ୍ଦା କରୁଛି। ବର୍ତ୍ତମାନ ମାର୍ଚ୍ଚ ମାସ ଚାଲିଥିବାରୁ ସାଧାରଣ ସ୍ୱାର୍ଥ ଦୃଷ୍ଟିରୁ ତହସିଲ ଅଫିସ, ରେଜିଷ୍ଟର ଅଫିସ, ଟ୍ରେଜେରୀ ଅଫିସ ଖୋଲାରହୁ ବୋଲି ସେ କହିଛନ୍ତି। ଖବରଦାତା ସମ୍ମିଳନୀରେ ବୁଲୁ ସାହୁ, ସୂର୍ଯ୍ୟ ପଟ୍ଟନାୟକ, ଗଙ୍ଗା ସାହୁ, ରାମ ନାୟକ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତୃବୃନ୍ଦ ।

# ଚର୍ମରୋଗରୁ ମୁକ୍ତି ପାଇଁ ଝାମିଯାତ୍ରା

■ ରାଜାରାଜୁଡ଼ା ଅମଳରୁ ପାଳିତ ହେଉଛି ଏହି ଯାତ୍ରା

■ ଦେବୀଙ୍କ ଆଶୀର୍ବାଦକୁ ଟିକା କରି ପିନ୍ଧନ୍ତି ଭକ୍ତ

ଜୟପୁର,୧୩।୩(ଡି.ଏନ୍.ଏ.)

ବସନ୍ତ ଋତୁ ସରିବା ପରେ ବସନ୍ତ, ହାଡ଼ଫୁଟି, ମିଳିମିଳା, କାଛୁ, କୁଣ୍ଡିଆ ଭଳି ରୋଗରୁ ମୁକ୍ତି ପାଇବା ପାଇଁ ରାଜାରାଜୁଡ଼ା ଅମଳରୁ ଜୟପୁରରେ ପାଳିତ ହୋଇଆସୁଛି ଗୋଟିଏ ଯାତ୍ରା। ଲୋକଙ୍କ ବିଶ୍ୱାସ ଓ ପରମ୍ପରାର ଏହି ପର୍ବ ହେଉଛି ଝାମିଯାତ୍ରା।

ଶିବରାତ୍ରି ପରେ ଫାଲଗୁନ ମାସ ଶୁକ୍ଳପକ୍ଷ ନବମୀ ତିଥି ଅନୁଯାୟୀ ବୁଧବାର ଝାମିଦେବୀଙ୍କୁ ସ୍ଥାନୀୟ ବାଙ୍କମଠରେ ସ୍ଥାପନ ପୂର୍ବକ ପୂଜାର୍ଚ୍ଚନା କରାଯାଇଛି । ପରମ୍ପରା ଅନୁଯାୟୀ ପୂଜା ସ୍ଥାନରେ ବ୍ୟବସାୟୀମାନେ ଚଣା, ସାକର, ମୁଢ଼ି ବିକ୍ରି କରନ୍ତି। ଶିବରାତ୍ରିରେ ମହାଦେବଙ୍କ ଦର୍ଶନ କରିବା ପରେ ସ୍ଥାନୀୟ ପୂଜକ ନକୁଳ ନାୟକଙ୍କ ପରିବାର ବାଜା ଓ ଫୁଲଚାଙ୍ଗୁଡି ଧରି ସହରର ଘରେ ଘରେ ହଳଦୀ ଓ ନିମ୍ବପତ୍ର ଭଗବାନଙ୍କ ଆଶୀର୍ବାଦ ଭାବେ ବାଣ୍ଟିଥାନ୍ତି। ପ୍ରତ୍ୟେକ ପରିବାର ଏହାକୁ ମୁଣ୍ଡରେ ଟିକା ଭାବେ ନିଅନ୍ତି। ଏହାଦ୍ୱାରା ଚର୍ମରୋଗ ହୁଏନାହିଁ ବୋଲି ବିଶ୍ୱାସ ରହିଛି। ପ୍ରତିବଦଳରେ ଭକ୍ତମାନେ ଚାଉଳ, ପନିପରିବା ଓ ଟଙ୍କା ଅର୍ପଣ କରିଥାଆନ୍ତି। ଶୁକ୍ଳପକ୍ଷ ନବମୀରେ ଝାମିଦେବୀଙ୍କୁ ଗୋପବନ୍ଧୁ ନଗର ସ୍ଥିତ ପୂଜକ ନାୟକଙ୍କ ଘର ପୀଠରୁ ଢାମ୍ପ ବାଜା ବାଜଣାରେ ଅଣାଯାଇ ଅସ୍ଥାୟୀ ଭାବେ ସ୍ଥାପନ କରି ପୂଜାର୍ଚ୍ଚନା କରାଯାଏ । ମାନସିକ ରଖି ଭକ୍ତମାନେ ଫୁଲ ଝାଡୁ, କୁକୁଡ଼ା ଅଣ୍ଡା, ନଡ଼ିଆ, କଦଳୀ ଓ ଫୁଲ ଦେବୀଙ୍କୁ ସମର୍ପଣ କରନ୍ତି। ବଂଶାନୁକ୍ରମେ ପୂଜା କରିଆସୁଥିବା ଦଳିତ ଜାତିର ପୂଜକ ନକୁଳ ନାୟକ କହିଛନ୍ତି, ସେ ଷ୍ଟେଟବ୍ୟାଙ୍କରେ କର୍ମଚାରୀ ଭାବେ କାମ କରନ୍ତି। ଜୟପୁର ରଜାଙ୍କ ଅମଳରୁ ଚାଲିଆସିଥିବା ପୂଜା ପରମ୍ପରାକୁ ସେ ଏବେ ନିର୍ବାହ କରୁଛନ୍ତି। ଦଶଦିନ ଧରି ଅନୁଷ୍ଠିତ ଏହି ପୂଜାର ସମସ୍ତ ଖର୍ଚ୍ଚ ତାଙ୍କ ପରିବାର ବହନ କରୁଛନ୍ତି। ଭକ୍ତଙ୍କ ଦାନ ଦକ୍ଷିଣା ମଧ ଏଥିରେ ଲାଗୁଛି।


ଝାମି ଦେବୀଙ୍କ ପୂଜାର୍ଚ୍ଚନା ଚାଲିଛି ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ଗୁରୁବାର, ମାର୍ଚ୍ଚ ୧୪/୨୦୧୯ Rayagada, Thursday, March 14 / 2019

## ସଂକ୍ଷେପରେ

### ତାଳଗଛରୁ ପତ୍ର କାଟୁଥିବା ବେଳେ ମହୁମାଛି ଆକ୍ରମଣ
## ଗଛରୁ ଡେଇଁ ଜଣେ ମୃତ

**ମାଲକାନଗିରି, ୧୩।୩ (ଡି.ଏନ୍.ଏ.):** ତାଳଗଛରେ ଚଢି ପତ୍ର କାଟୁଥିବା ବେଳେ ମହୁମାଛି ଆକ୍ରମଣ ଯୋଗୁ ତଳକୁ ଡେଇଁପଡି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ତାଙ୍କ ନାମ ରାମା କାରାମି (୫୦)। ତାଙ୍କ ଘର ମାଲକାନଗିରି ଜିଲା ପଡିଆ ଥାନା ମାଟେରୁ ପଞ୍ଚାୟତର ଏରବାନପାଲି ଗ୍ରାମରେ। ରାମା ତାଳଗଛ ଉପରେ ଚଢି ପତ୍ର କାଟୁଥିଲେ। ସେହି ଗଛରେ ଏକ ମହୁଫେଣା ଥିଲା । ହଠାତ୍ ମହୁମାଛିମାନେ ରାମାଙ୍କୁ ଆକ୍ରମଣ କରିବାରୁ ସେ ଉପାୟଶୂନ୍ୟ ହୋଇ ଗଛରୁ ତଳକୁ ଡେଇଁ ପଡିଥିଲେ। ଗ୍ରାମବାସୀ ତାଙ୍କୁ ଘରକୁ ଆଣି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବାକୁ ପ୍ରସ୍ତୁତ ହେଉଥିବା ବେଳେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ରାମାଙ୍କ ଦୁଇଟି ଝିଅ ଅଛନ୍ତି।

## ନାମଲେଖା ନେଇ ପ୍ରସ୍ତୁତି ବୈଠକ



**ଗୋବିନ୍ଦପାଲି, ୧୩।୩ (ଡି.ଏନ୍.ଏ.):** ଖଇରପୁଟ ବ୍ଲକ ସଦରସ୍ଥିତ କୁମାରପୁଟ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ (କେଜିବିଭି)ରେ ଆସନ୍ତା ଶିକ୍ଷାବର୍ଷ ପାଇଁ ନାମଲେଖା ନେଇ ଏକ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏବିଇଓ ଶିବାନୀ ମୁଦୁଲିଙ୍କ ଅଧକ୍ଷତାରେ ହୋଇଥିବା ଏହି ବୈଠକରେ ପ୍ରଧାନଶିକ୍ଷୟିତ୍ରୀ ମାଦିନା ଟୁଡୁଙ୍କ ସହ ବ୍ଲକର ସମସ୍ତ ସିଆରସିସି ଉପସ୍ଥିତ ଥିଲେ। ବ୍ଲକରେ ବିଭିନ୍ନ ପଞ୍ଚାୟତରେ ଥିବା ଡ୍ରପ୍ ଆଉଟ୍, ଅନାଥ, ଅତି ଗରିବ, ଭୌଗୋଳିକ ପ୍ରତିବନ୍ଧକ, ଦିବ୍ୟାଙ୍ଗ ବାଳିକାମାନଙ୍କୁ ଚିହ୍ନଟ କରି ଏହି ଶିକ୍ଷାନୁଷ୍ଠାନରେ ନାମ ଲେଖାଇବା କ୍ଷେତ୍ରରେ ସହଯୋଗ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏନେଇ ରହିଥିବା ଆବେଦନ ଫର୍ମ ବିଭିନ୍ନ ବିଦ୍ୟାଳୟକୁ ସିଆରସିସିଙ୍କ ମାଧମରେ ପଠାଯିବ।

## ବଳଦକୁ ଧକ୍କା ଦେଇ ଓଲଟିଲା ଟ୍ରକ୍

**ସୋରଡା, ୧୩।୩(ଡି.ଏନ୍.ଏ.):** ବଡଗଡ ୩୬ନଂ ରାଜ୍ୟ ରାଜପଥ ପାଟପୁର ଗ୍ରାମ ନିକଟରେ ବଡଗଡରୁ ସୋରଡା ଅଭିମୁଖେ ଆସୁଥିବା ଏକ ଧାନ ବୋଝେଇ ଟ୍ରକ (ନଂ.ଓଆର୦୭ଆର୍-୩୫୫୩) ବଳଦକୁ ଧକ୍କା ଦେଇ ଓଲଟି ପଡିଥିଲା। ଦୁର୍ଘଟଣାରେ ଗୋଟିଏ ବଳଦର ମୃତ୍ୟୁ ଘଟିଥିବାବେଳେ ଟ୍ରକ୍‌ରେ ବସିଥିବା ୪ ଶ୍ରମିକ ଆହତ ହୋଇଛନ୍ତି। ସେମାନେ ହେଲେ ସୁରେଖାଦେଇପୁର ଅଞ୍ଚଳର ପୀତବାସ ଗୌଡ, ବିନୋଦ ଗୌଡ, ଭଗବାନ ଗୌଡ ଓ ସୁବାସ ଗୌଡ। ସୁବାସଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ମୃତ ଓ ଆହତ ବଳଦ ଦୁଇଟି ଡମ୍ବରୁ ନାଇକଙ୍କର। ଦୁର୍ଘଟଣା ପରେ ଗ୍ରାମବାସୀ ହମ୍ପସ୍ ନିର୍ମାଣ ଓ କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ କରିଥିଲେ। ବଡଗଡ ଥାନା ଅଧିକାରୀ ଘଟଣାସ୍ଥଳରେ ସଦଳବଳ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା ପରେ ରାସ୍ତାରୋକୋ ହଟିଥିଲା। ପ୍ରକାଶ ଯେ, ସୋରଡା ପୂର୍ତ୍ତବିଭାଗ ତରଫରୁ ନୂତନ ରାସ୍ତା ନିର୍ମାଣ ପରେ ପାଟପୁରଠାରୁ ନୂଆଖିଲାବାଡି ପର୍ଯ୍ୟନ୍ତ ଯାନବାହନ ଦ୍ରୁତ ଗତିରେ ଚଳାଚଳ କରୁଛି। ସଚେତନ ଫଳକ, ସ୍ପିଡ୍‌ବ୍ରେକର, ହମ୍ପସ୍ ନିର୍ମାଣ ହେଲେ ଦୁର୍ଘଟଣା ଉପରେ ରୋକ୍ ଲଗାଯାଇପାରିବ ବୋଲି ଆଲୋଚନା ହେଉଛି।

# ୨ ପଞ୍ଚାୟତର ୭ ଗାଁକୁ ନାହିଁ ରାସ୍ତା



ଅବହେଳିତ ବାନ୍ଦାମାମୁଡି ଗ୍ରାମ।



ଗ୍ରାମବାସୀ ଝରଣାରୁ ପାନୀୟ ଜଳ ସଂଗ୍ରହ କରୁଛନ୍ତି।

**ମାଲକାନଗିରି, ୧୩।୩(ସ୍ୱ.ପ୍ର.)**

- ସବୁ ମୌଳିକ ସୁବିଧାରୁ ବଞ୍ଚିତ ହୋଇଛନ୍ତି ଗ୍ରାମବାସୀ
- ପାହାଡ ରାସ୍ତାରେ ଚାଲି ଚାଲି ଯିବାକୁ ପଡେ
- ବିଡିଓ କହିଲେ ରାସ୍ତା ହେଲେ ସବୁ ଯୋଜନା କାର୍ଯ୍ୟକାରୀ ହେବ

ମାଲକାନଗିରି ଜିଲାର ଚିତ୍ରକୋଣ୍ଡା ବ୍ଲକର ପାପୁଲୁର ଓ କାପାତୁଟି ପଞ୍ଚାୟତରେ ଏମିତି କିଛି ଗ୍ରାମ ରହିଛି ଯେଉଁଠି ପ୍ରଶାସନ ପହଞ୍ଚିପାରିନାହିଁ। ଫଳରେ ଗ୍ରାମବାସୀ ବର୍ଷବର୍ଷ ଧରି ମୌଳିକ ସୁବିଧାରୁ ବଞ୍ଚିତ ହୋଇ ରହିଛନ୍ତି। ମାଲକାନଗିରି ସଦର ମହକୁମାଠାରୁ ମାତ୍ର ୭୦କିମି ଦୂରରେ ରହିଛି ଏହି ୨ ପଞ୍ଚାୟତର ଅନେକ ଗ୍ରାମ। ପାପୁଲୁର ପଞ୍ଚାୟତର ବାନ୍ଦାମାମୁଡି, କମଲାବାନଦା, ଜଲାଗୁଡା, ପରଜାଗୁଡା, ଇତାଲାଙ୍କା, ଗଞ୍ଜେଇମାମଲା ଓ କାପାତୁଟି ପଞ୍ଚାୟତର ପେଦାଲାଙ୍କା ପରି ଗ୍ରାମ ରହିଛି। ପ୍ରତ୍ୟେକ ଗ୍ରାମରେ ୧୫ରୁ ୬୦ ପରିବାର ବାସ କରନ୍ତି। ମାଲକାନଗିରିଠାରୁ କାଲିମେଳା ବ୍ଲକର ଭେଜାଙ୍ଗିୱାଡ ପଞ୍ଚାୟତ ଦେଇ ପଲୁଗୁଡା ଗ୍ରାମ ସେଠାରୁ ଘଞ୍ଚ ଜଙ୍ଗଲ ଦେଇ ୧୫କିମି ପାହାଡ ରାସ୍ତାରେ ଚାଲି ଚାଲି ଗଲେ ପଡିବ ଏହି ସବୁ ଗ୍ରାମ। ନଚେତ୍ ଚିତ୍ରକୋଣ୍ଡାଠାରୁ ପାପୁଲୁର ପଞ୍ଚାୟତର ନାଗୁଲୁର ଗଲେ ସେଠାରୁ ଜଙ୍ଗଲ ପାହାଡ ଦେଇ ୨୫କିମି ଗଲେ ପଡିବ ଏସବୁ ଗ୍ରାମ। ଏଠାରେ କଣ୍ଡାଦୋରା, କଣ୍ଡାରେଡି, ପରଜା, କନ୍ଧ ସମ୍ପ୍ରଦାୟ ଲୋକେ ବାସ କରନ୍ତି । ସେମାନଙ୍କର ଭାଷା ତେଲୁଗୁ ମିଶ୍ରିତ ଆଦିବାସୀ ଭାଷା । ଓଡିଆ ଜାଣନ୍ତି ନାହିଁ । ଜଙ୍ଗଲ ଜମିରୁ ଗଛକାଟି ପୋଡୁଚାଷ କରନ୍ତି। ମାଣ୍ଡିଆ, କାନ୍ଦୁଲ, ବାଜରା, ସୁଆଁ ଆଦି ଚାଷ କରିଥାନ୍ତି । ସେ ସବୁ ଦ୍ରବ୍ୟକୁ ଭେଜାଙ୍ଗୱାଡା ଓ ପେଟାଲ ହାଟରେ ବିକି ଗୁଜୁରାଣ ମେଣ୍ଟାନ୍ତି । ମାଣ୍ଡିଆ ଜାଉ, ସୁଆଁପେଜ, ଭାତ ସେମାନଙ୍କ ଖାଦ୍ୟ। ଜଙ୍ଗଲରୁ ମାଟିକନ୍ଦା, ପିତାକନ୍ଦା ମଧ୍ୟ ପୋଡି ଖାଇଥାନ୍ତି । ଗ୍ରାମଗୁଡିକୁ ରାସ୍ତା, ଅଙ୍ଗନୱାଡି, ବିଦ୍ୟାଳୟ, ବିଦ୍ୟୁତ୍, ସ୍ୱାସ୍ଥ୍ୟସେବା କିଛି ନାହିଁ। ଜଙ୍ଗଲ ଜମି ପଟ୍ଟା, ଇନ୍ଦିରା ଆବାସ, ପ୍ରଧାନମନ୍ତ୍ରୀ ଆବାସ, ବିଜୁ ପକ୍କାଘର ଯୋଜନା କ'ଣ ଗ୍ରାମବାସୀ ଜାଣନ୍ତି ନାହିଁ। ବୃଦ୍ଧାବୃଦ୍ଧମାନେ ବାର୍ଦ୍ଧକ୍ୟ ଭତ୍ତା ପାଆନ୍ତି ନାହିଁ। ଖାଦ୍ୟ ଅଭାବରୁ ପିଲାମାନେ ଅପପୁଷ୍ଟିର ଶିକାର ହେଉଛନ୍ତି। ପାନୀୟଜଳ ପାଇଁ ଗ୍ରାମବାସୀ ଝରଣା ଉପରେ ନିର୍ଭର କରନ୍ତି । ଝରଣା ପାଣିକୁ ପାନୀୟ ଜଳ, ଗାଧୋଇବା ଏବଂ ଗୋରୁଗାଈଙ୍କ ପାଇଁ ମଧ୍ୟ ବ୍ୟବହାର କରିଥାନ୍ତି । ଖରାଦିନେ ଝରଣାରୁ ପାଣି ଶୁଖିଗଲେ ସେଠାରେ ଚୁଆ ଖୋଳି ସେଥିରୁ ଯାହା ମିଳେ ସଂଗ୍ରହ କରିଥାନ୍ତି। ସ୍ୱାସ୍ଥ୍ୟସେବା ପାଇଁ ଗ୍ରାମ ଦିଶାରୀଙ୍କ ଉପରେ ନିର୍ଭର କରିଥାନ୍ତି। ଚାଷ ପାଇଁ ଲଙ୍ଗଳମୁନକୁ ଗୋଟିଏ ବାଡିରେ ବାନ୍ଧି ନିଜେ ଟାଣି ହଳ କରନ୍ତି। ସାର ଓ କୀଟନାଶକ ବ୍ୟବହାର ଜାଣି ନ ଥିବାରୁ କେବଳ ଖତ ଦେଇ ଚାଷ କରନ୍ତି । ଚାଷରେ ଜମିରୁ ଯାହା ଅମଳ ହୁଏ ପ୍ରଥମେ ଗ୍ରାମଦେବୀଙ୍କୁ ଅର୍ପଣ କରି ପୂଜାକରି ତାହାକୁ ନେଇ ଘର ବାହାରେ ଏକ ମଞ୍ଚା ତିଆରି ରଖନ୍ତି । ଅମଳ ଶସ୍ୟ ଗ୍ରାମ ଦେବତୀଙ୍କୁ ଅର୍ପଣ ନ କଲେ ଗ୍ରାମର କ୍ଷତି ହେବ ବୋଲି ସେମାନଙ୍କର ବିଶ୍ୱାସ ରହିଛି। ବନ୍ୟଜନ୍ତୁ ଭୟ ଥିବାରୁ ଗ୍ରାମବାସୀ ଜଙ୍ଗଲକୁ କାଠ କିମ୍ବା ଖାଦ୍ୟ ସଂଗ୍ରହ କରି ଗଲେ ଏକୁଟିଆ ନ ଯାଇ ଦଳଦଳ ହୋଇ ଯାଇଥାନ୍ତି। ସେମାନଙ୍କ ଚାଲିଚଳନ, ବିବାହ ଆଦି ତେଲୁଗୁ ସମ୍ପ୍ରଦାୟ ପରି ହୋଇଥାଏ। ନିଜ ସମସ୍ୟା ସମ୍ପର୍କରେ ସେମାନେ କେବେ ପ୍ରଶାସନର ଦ୍ୱାରସ୍ଥ ହୋଇନାହାନ୍ତି ବୋଲି କହିଛନ୍ତି ବାନ୍ଦା ମାମୁଡି ଗ୍ରାମର ବାଲୟା ମାର୍କେଲ, କେଲା ଆପା ରାଓ, କେଲା ବାଲାୟା, ପେଦାଲାଙ୍କା ଗ୍ରାମର ଚିନ୍ନାଭାଇ,ଦାଙ୍ଗାରାମା ପାପାଲ, କାନ୍ନାମା ଖିଲ । ଅନ୍ତତଃପକ୍ଷେ ଗ୍ରାମକୁ ରାସ୍ତା, ପାଣି ଯୋଗାଣ ଲାଗି ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଚିତ୍ରକୋଣ୍ଡା ବିଡିଓ ଲରିମନ ଖରସେଲଙ୍କୁ ପଚାରିବାରୁ ସେ କହିଲେ ଯେ, ଗ୍ରାମଗୁଡିକରେ ପହଞ୍ଚିବା ପାଇଁ କିଛି ସୁବିଧା ନାହିଁ। ଗ୍ରାମ୍ୟ ଉନ୍ନୟନ ବିଭାଗ ଯଦି ରାସ୍ତା ନିର୍ମାଣ କରନ୍ତେ ତେବେ ଆମେ ବ୍ଲକ ପ୍ରଶାସନ ପକ୍ଷରୁ ସରକାରଙ୍କ ସମସ୍ତ ଯୋଜନା ଗ୍ରାମଗୁଡିକରେ କାର୍ଯ୍ୟକାରୀ କରନ୍ତୁ ବୋଲି ଖରସେଲ କହିଛନ୍ତି।

# ରାଜଧାନୀରେ ଡେରା ପକାଇଛନ୍ତି ଆଶାୟୀ

**ମାଲକାନଗିରି, ୧୩।୩ (ସ୍ୱ.ପ୍ର.)**

ନିର୍ବାଚନ ବିଜ୍ଞପ୍ତି ଜାରି ହେବା ପରେ ଆଶାୟୀମାନେ ତତ୍ପର ହୋଇପଡିଛନ୍ତି। ଟିକେଟ୍ ପାଇବା ନେଇ ଆଶାୟୀଙ୍କ ମଧ୍ୟରେ ଉତ୍କଣ୍ଠା ଜାରି ରହିଛି। ବିଶେଷ କରି ବିଜେଡିରେ ଅଧିକ ସଂଖ୍ୟାରେ ଆଶାୟୀ ଥିବା ଓ ଏଥିରେ ଅନେକ ନୂଆ ମୁହଁ ସାମିଲ ଥିବା ନେଇ ଅନ୍ୟ ଆଶାୟୀଙ୍କ ପାଇଁ ଏହା ଚିନ୍ତାର ବିଷୟ ପାଲଟିଛି। ଫଳରେ ଚୂଡାନ୍ତ ପ୍ରାର୍ଥୀ ଚୟନ କରିବା ବିଜେଡି ପାଇଁ ମୁସ୍କିଲ ହେବ। ଏବେ ନବରଙ୍ଗପୁର ଲୋକସଭା ଆସନ ପାଇଁ ମନ୍ତ୍ରୀ ରମେଶ ମାଝୀଙ୍କ ନାମ ଶୁଣିବାକୁ ମିଳୁଛି। ଏହି ଆସନରେ ଯଦି କଂଗ୍ରେସର ପ୍ରଦୀପ ମାଝୀ ଛିଡା ହୁଅନ୍ତି ତେବେ ରମେଶ ହିଁ ତାଙ୍କର ମୁକାବିଲା କରିପାରିବେ ବୋଲି କୁହାଯାଉଛି। ଏପରି କ୍ଷେତ୍ରରେ ପୂର୍ବତନ ଏମପି ବଳଭଦ୍ର ମାଝୀଙ୍କ ଟିକେଟ୍ ଅନିଶ୍ଚିତତାରେ ରହିଛି। ଅନ୍ୟପକ୍ଷରେ ମାଲକାନଗିରି ବିଧାନସଭା ଆସନରେ ଟିକେଟ ପାଇଁ ବିଧାୟକ ମାନସ ମାଡକାମି ତାଙ୍କ ସମର୍ଥକଙ୍କ ସହ ମଙ୍ଗଳବାରଠାରୁ ଭୁବନେଶ୍ୱରେ ଅଛନ୍ତି। ନିକଟରେ ବିଜେଡିରେ ମିଶିଥିବା ପୂର୍ବତନ ବିଧାୟକ ମୁକୁନ୍ଦ ସୋଡି ମଧ୍ୟ ନିଜ ସମର୍ଥକଙ୍କ ସହ ବୁଧବାର ଭୁବନେଶ୍ୱର ଅଭିମୁଖେ ବାହାରିଛନ୍ତି। ଆଦିବାସୀ ବିକାଶ ପରିଷଦର ଅଧ୍ୟକ୍ଷ ଆଡମା ରାବା ମଧ୍ୟ ଟିକେଟ୍ ପାଇଁ ଆଶା ବାନ୍ଧିଛନ୍ତି।

ଚିତ୍ରକୋଣ୍ଡା ଆସନ ପାଇଁ ମଧ୍ୟ ଆଶାୟୀଙ୍କ ସଂଖ୍ୟା କିଛି କମ୍ ନୁହେଁ। ବିଜେଡିର ବର୍ତ୍ତମାନର ବିଧାୟକ ଡମ୍ବରୁ ଶିଶା, କୋରୁକୋଣ୍ଡା ସରପଞ୍ଚ ବଂଶୀଧର ମୁଦୁଲି, ପୂର୍ଣ୍ଣଚନ୍ଦ୍ର ବାକା, ଶ୍ରୀନିବାସ ମୁଦୁଲିଙ୍କ ସମେତ ଅନ୍ୟ କେତେ ଜଣଙ୍କ ନାମ ଚର୍ଚ୍ଚା ହେଉଛି। ତେବେ ଟିକେଟ୍ ଘୋଷଣା ପରେ ବଳକା ଆଶାୟୀଙ୍କୁ ଦଳ କିପରି ଥଇଥାନ କରିବ ତାହା ଏବେ ପ୍ରଶ୍ନ ହୋଇ ଛିଡା ହୋଇଛି। ଯେଉଁ ଆଶାୟୀମାନେ ଟିକେଟ ପାଇପାରିବେ ନାହିଁ ସେମାନଙ୍କ ଉପରେ କଂଗ୍ରେସ ଓ ଭାଜପା ନଜର ରଖିଛନ୍ତି। ଏହି ଆଶାୟୀମାନେ ଅନ୍ୟଦଳକୁ ଯିବେ କି ସ୍ୱାଧୀନ ଭାବେ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହେବେ ତାହା ଆଗକୁ ସ୍ପଷ୍ଟ ହେବ ।

# ନିର୍ବାଚନ ଆଚରଣବିଧି ପାଳନ କରିବ ଉତ୍କଳ ସାମ୍ବାଦିକ ସଂଘ

**ମାଲକାନଗିରି, ୧୩।୩ (ଡି.ଏନ୍.ଏ.)**

ମାଲକାନଗିରି ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ମନୀଷ ଅଗ୍ରୱାଲ ଏକ ଖବରଦାତା ସମ୍ମିଳନୀରେ ନିକଟରେ ବିଭିନ୍ନ ରାଜନୈତିକ ଦଳ ଏବଂ ଗଣମାଧ୍ୟମ ପାଇଁ ନିର୍ବାଚନ କମିଶନରଙ୍କ ଆଚରଣବିଧି ସମ୍ପର୍କରେ ସୂଚନା ଦେଇଥିଲେ। ସେହି ଆଚରଣ ବିଧି ମଧ୍ୟରେ ଗଣମାଧ୍ୟମ ପ୍ରିଣ୍ଟ ଓ ଇଲେକ୍ଟ୍ରୋନିକ୍ ଏବଂ ସାମାଜିକ ମିଡିଆ ପ୍ରତିନିଧିଙ୍କ ପାଇଁ କେତେକ ଆଚରଣ ବିଧି ଲାଗୁ ହୋଇଛି। ସେଥିମଧ୍ୟରୁ ଖବରଦାତାମାନେ ନିରପେକ୍ଷତା ଅବଲମ୍ବନ କରିବା, କୌଣସି ମିଥ୍ୟା ଖବର ପ୍ରକାଶ ନ କରିବା କିମ୍ବା କୌଣସି ନିର୍ଦ୍ଦିଷ୍ଟ ଦଳ ନିର୍ବାଚନରେ ଜିତିବା ସମ୍ଭାବନାକୁ ପ୍ରକାଶ କରିବେ ନାହିଁ ବୋଲି କହିଥିଲେ। ଏହି ସବୁ ନିୟମ ପାଳନ କରିବା ପାଇଁ ବୁଧବାର ମାଲକାନଗିରି ସଦର ମହକୁମା ସାପ୍ତାହିକ ହାଟ ଶିବମନ୍ଦିର ପରିସରରେ ଉତ୍କଳ ସାମ୍ବାଦିକ ସଂଘର ଏକ ବୈଠକ ସଭାପତି ମନୋଜ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ଆଚରଣ ବିଧି ନେଇ ଆଲୋଚନା କରାଯାଇ ସଂଘର ସମସ୍ତ ସଭ୍ୟ ଏଥିପ୍ରତି ଗୁରୁତ୍ୱ ଦେବେ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏଥିସହ ସଂଘ କାର୍ଯ୍ୟାଳୟ ପାଇଁ ଏକ ସରକାରୀ ଘର ଯୋଗାଇଦେବା ପାଇଁ ଜିଲା ପ୍ରଶାସନକୁ ଅବଗତ କରା ଯିବାକୁ ନିଷ୍ପତ୍ତି ହୋଇଥିଲା। ଆସନ୍ତା ଏପ୍ରିଲ ମାସରେ ରାଜ୍ୟ

କାର୍ଯ୍ୟକାରିଣୀ କମିଟି ବୈଠକ ମାଲକାନଗିରିରେ ହେବା ପାଇଁ ସ୍ଥିର ହୋଇଥିଲା। ରାଜ୍ୟର ସମସ୍ତ କର୍ମକର୍ତ୍ତା ଏବଂ ୩୦ଟି ଜିଲାର କାର୍ଯ୍ୟକାରୀ ସଦସ୍ୟମାନେ ଏହି ବୈଠକରେ ଯୋଗ ଦେବେ । ସଦସ୍ୟ ରତ୍ନାକର ଦାସ, ସୁକାନ୍ତ ସେଠୀ, ସନୁ ଅନୁଗୁ, ସଟିଫେନ୍ ସୁନା, ପ୍ରଶାନ୍ତ ମହୁରିଆ, ହୃଷୀକେଶ ସେଠୀ, ଧନୁର୍ଜୟ ଟିକାଦାର, ସତ୍ୟ ନାରାୟଣ ଦାସ, ଟି.ଏସ୍.ଏନ୍. ସୁବୁଦ୍ଧି, ଯୁଗଳ କିଶୋର ସ୍ୱାଇଁ, ଦୁର୍ଯ୍ୟୋଧନ ପାତ୍ର, ଶ୍ରୀନିବାସ ପାତ୍ର, ରାଜେଶ କୁମାର ଓଝା, ଗୋବିନ୍ଦ ସରଦାର, ପ୍ରଶାନ୍ତ କୁମାର ସାହୁ, ବି. ସୁରେଶ ପାତ୍ର, ସିମାଞ୍ଚଳ ପାଣିଗ୍ରାହୀଙ୍କ ସହ ୩୦ରୁ ଊର୍ଦ୍ଧ୍ୱ ସଭ୍ୟ ଯୋଗ ଦେଇଥିଲେ। ସମ୍ପାଦକ ପ୍ରଭାକର ସୁନା ବୈଠକ ପରିଚାଳନା କରିଥିଲେ।



ସାମ୍ବାଦିକ ସଂଘର ବୈଠକରେ ଉପସ୍ଥିତ ଖବରଦାତାମାନେ।

# ଦୁର୍ଘଟଣାରେ ମା' ମୃତ, ପୁଅ ଗୁରୁତର

**ପଡିଆ, ୧୩।୩ (ଡି.ଏନ୍.ଏ.)**

ମାଲକାନଗିରି ଜିଲା ପଡିଆ ବ୍ଲକ ସିମିଲିବାଞ୍ଚା ମୁଖ୍ୟ ରାସ୍ତାରେ ମୋଟର ସାଇକେଲ ଓ ଟ୍ରାକ୍ଟର ମୁହାଁମୁହିଁ ଧକ୍କା ହୋଇ ମାଆଙ୍କ ମୃତ୍ୟୁ ଘଟିଛି। ପୁଅ ଗୁରୁତର ଆହତ ହୋଇଛନ୍ତି। ଘଟଣାରୁ ଜଣାପଡିଛି ଏମ୍.ଭି.– ୬୦ ଗ୍ରାମର ତୁଷାର ବିଶ୍ୱାସ ଓ ତାଙ୍କ ମାଆ ପ୍ରଭାତୀ ବିଶ୍ୱାସ ମୋଟରସାଇକେଲ ଯୋଗେ ପଡିଆ ଆସୁଥିଲେ। ସିମିଲିବାଞ୍ଚା ନିକଟ ମୁଖ୍ୟ ରାସ୍ତାରେ ଆସୁଥିବା ଟ୍ରାକ୍ଟର ସହ ସେମାନଙ୍କ ମୁହାଁମୁହିଁ ଥିଲା। ଫଳରେ ପ୍ରଭାତି ଟ୍ରାକ୍ଟର ଚକାତଳେ ପଡି ଯାଇଥିଲେ। ଉଭୟେ ମାଆପୁଅ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ପଡିଆ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତୁଷାର ଚିକିତ୍ସିତ ହେଉଥିବା ବେଳେ ପ୍ରଭାତୀଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇପଡିଥିଲା। ତାଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ତେବେ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରଭାତିଙ୍କ ମୃତ୍ୟୁ ହୋଇଯାଇଛି। ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଟ୍ରାକ୍ଟର ଡ୍ରାଇଭରକୁ ଆଣି ଅଟକ ରଖି ପଚରାଉଚରା କରୁଛି।

## କାଳିମେଳାରେ ବଡଯାତ୍ରା

# ୩ ଠାକୁରଙ୍କୁ ସ୍ୱାଗତ କଲେ ଗ୍ରାମବାସୀ



କାଳିମେଳାରେ ଗ୍ରାମ ପରିକ୍ରମା କରୁଛନ୍ତି ୩ ଠାକୁର।

**କାଳିମେଳା, ୧୩।୩(ଡି.ଏନ.ଏ)**

ମାଲକାନଗିରି ଜିଲାର ଗଣପର୍ବ ଭାବେ ପରିଚିତ ବଡଯାତ୍ରାର ବୁଧବାର ଥିଲା ତୃତୀୟ ଦିବସ। ଶ୍ରୀ ଶ୍ରୀ ଶ୍ରୀ କନାମରାଜ, ବାଲରାଜ, ପୋତରାଜଙ୍କ ସହ ଦେବୀ ମତ୍ୟୁଲୁମ୍ମା ସନ୍ଧ୍ୟା ୭ଟାରେ କାଳିମେଳା ପହଞ୍ଚିଛନ୍ତି । ଦେବଦେବୀଙ୍କୁ କାଳିମେଳା ପୂଜା କମିଟି ତଥା ଗ୍ରାମବାସୀଙ୍କ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ବାଜା, ବାଣ ଓ ରୋଷଣି ସହ ମହିଳାଙ୍କ ହୁଳହୁଳିରେ ସହର କମ୍ପି ଥିଲା। ୩ ଠାକୁର କାଳିମେଳା ବ୍ଲକ ଅନ୍ତର୍ଗତ ମାନ୍ୟମକୋଣ୍ଡା ପୀଠରେ ୨ ଦିନ ପୂଜା ପାଇବା ପରେ ବୁଧବାର ସକାଳ ୧୦ଟାରେ ମାନ୍ୟମକୋଣ୍ଡା ଛାଡି ମାଲକାନଗିରି ଅଭିମୁଖେ ବାହାରିଥିଲେ। ଗୁବଲେରୁ ଦେଇ ସନ୍ଧ୍ୟା ୫ଟାରେ ବୁଦୁଗୁଡାରେ ପହଞ୍ଚିଥିଲେ। ସେଠାରେ ଅସ୍ଥାୟୀ ମଣ୍ଡପରେ ୩ ଠାକୁର ୨ ଘଣ୍ଟା ପୂଜା ପାଇବା ପରେ କାଳିମେଳା ଅଭିମୁଖେ ଯାତ୍ରା କରିଥିଲେ । ବୁଦୁଗୁଡାରେ ବହୁ ଶ୍ରଦ୍ଧାଳୁ ଠାକୁରଙ୍କ ନିକଟରେ ଭୋଗ ଲଗାଇ ପୂଜାର୍ଚ୍ଚନା କରିଥିଲେ। ମାନସିକଧାରୀ ଭକ୍ତମାନେ ମୁଣ୍ଡରେ ହଳଦୀପାଣି ଥିବା କଳସ ଧରି ଠାକୁରଙ୍କୁ ଅପେକ୍ଷା କରି ରହିଥିଲେ। ଅନେକ ମହିଳାଙ୍କୁ କାଳିସି ଲାଗିବାରୁ ସେମାନେ ରାସ୍ତା ସାରା ଝୁଲି ଝୁଲି ନୃତ୍ୟ କରୁଥିବା ଦେଖିବାକୁ ମିଳିଥିଲା । ପୂଜାରିମାନେ ବେକରେ ପଳାଶ ଫୁଲର ମାଳ ପକାଇ ବୁଲୁଥିବା ବେଳେ ମହିଳାମାନେ ସେମାନଙ୍କ ପାଦ ଧୋଇ ଦେଉଥିଲେ। ମାନସିକଧାରୀମାନେ ସେମାନଙ୍କ ମନସ୍କାମନା ପୂର୍ଣ୍ଣ ପାଇଁ ଠାକୁରଙ୍କ ପାଖରେ ଛେଳି ଓ କୁକୁଡା ବଳି ପକାଉଥିଲେ। କାଳିମେଳା ସହର ପରିକ୍ରମା କରି ୩ଠାକୁର ତୁମୁଗୁଡା ସ୍ଥିତ ମଣ୍ଡପରେ ରାତ୍ରିଯାପନ କରିବେ । ଗୁରୁବାର କାଳିମେଳାରେ ବଡଯାତ୍ରା ହେବ । ଦର୍ଶନ ସମୟରେ ଭିଡକୁ ନିୟନ୍ତ୍ରଣ ଲାଗି କାଳିମେଳା ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।




ଜଣେ କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରୁଛନ୍ତି।

## ଗୁଣପୁର ସରକାରୀ ଉଚ୍ଚ ବିଦ୍ୟାଳୟ ବାର୍ଷିକୋତ୍ସବ

# ଭଲ ପାଠ ପଢ଼ି ସୁନାଗରିକ ହୁଅ

**ଗୁଣପୁର, ୧୩।୩(ଡି.ଏନ୍.ଏ.)**

ଗୁଣପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗୁଣପୁର କଲେଜ ଇତିହାସ ବିଭାଗ ମୁଖ୍ୟ ଡ.ଜବାହାର ଚୌଧୁରୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଭଲ ପାଠ ପଢ଼ି ସୁନାଗରିକ ହେବାକୁ ସେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷୟିତ୍ରୀ ଶିକ୍ଷକଙ୍କ କଥା ମାନିବା ସହ ତାଙ୍କୁ ସମ୍ମାନ ଦେବାକୁ ଛାତ୍ରୀଛାତ୍ରଙ୍କୁ କହିଥିଲେ। ଗୁଣପୁର ବ୍ଲକ ଶିକ୍ଷାଧିକାରୀ ବେଣୁଧର ଜାଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଶିକ୍ଷକ ଶଶାଙ୍କ ଦାସ ସ୍ୱାଗତ ଭାଷଣ ଦେବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଶେଷରେ ତ୍ରିପତି ମିଶ୍ର ଧନ୍ୟବାଦ ଦେଇଥିଲେ।





Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

